# NATIONAL NEWS BULLETIN (ODIA)
## 10 September - 2024
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆବୁଧାବିର କ୍ରାଉନ୍ ପ୍ରିନ୍ସଙ୍କ ମଧ୍ୟରେ ଆଲୋଚନା ପରେ ସ୍ୱାକ୍ଷରିତ ହେଲା ପାଞ୍ଚଟି ଚୁକ୍ତିନାମା ।
- ୫୪ତମ ଜିଏସ୍‌ଟି ପରିଷଦ ବୈଠକରେ କ୍ୟାନ୍‌ସର ଔଷଧ ଉପରୁ ହ୍ରାସ ହେଲା ଜିଏସ୍‌ଟି ।
- ପଶ୍ଚିମବଙ୍ଗରେ ଆନ୍ଦୋଳନରତ କନିଷ୍ଠ ଡାକ୍ତରଙ୍କୁ ଆଜି ଅପରାହ୍ଣ ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଲେ ସୁପ୍ରିମ୍‌କୋର୍ଟ ।
- ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କର ଆଜିଠାରୁ ଆରମ୍ଭ ହେବ ଦୁଇ ଦିନିଆ ଜର୍ମାନୀ ଗସ୍ତ ।

ଏବଂ

- ଚୀନ୍‌ର ହୁଲୁନ୍‌ବୁୟର୍‌ରେ ଏସିଆନ୍ ଚମ୍ପିଆନ୍ସ ଟ୍ରଫି ପୁରୁଷ ହକିରେ ୫-୧ ଗୋଲ୍‌ରେ ଜାପାନ୍‌କୁ ହରାଇଥିଲା ଭାରତ ।

# ୟୁଏଇ କ୍ରାଉନ୍ ପ୍ରିନ୍ସ ଭିଜିଟ୍

ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆବୁଧାବିର କ୍ରାଉନ ପ୍ରିନ୍ସ ଶେଖ୍ ଖାଲିଦ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହୟାନ୍ଙ୍କ ମଧ୍ୟରେ ଆଲୋଚନା ପରେ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୫ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉଭୟ ଦେଶ ପରମାଣୁ ଶକ୍ତି ଓ ପେଟ୍ରୋଲିୟମ ସମେତ ବିଭିନ୍ନ କ୍ଷେତ୍ରରେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷରିତ କରିଛନ୍ତି। ଏମିରେଟ୍ସ ନ୍ୟୁକ୍ଲିୟର ଏନର୍ଜି କମ୍ପାନୀ ଏବଂ ନ୍ୟୁକ୍ଲିୟର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ ମଧ୍ୟରେ ବାରାକା ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଅପରେସନ ଏବଂ ରକ୍ଷଣାବେକ୍ଷଣ ଉପରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଆବୁଧାବି ନ୍ୟାସନାଲ ଅଏଲ କମ୍ପାନୀ ଏବଂ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ମଧ୍ୟରେ ଦୀର୍ଘମିଆଦୀ ଏଲ୍ଏନ୍ଜି ଯୋଗାଣ ହୋଇପାରିବ। ଉଭୟ ନେତା ବହୁମୁଖୀ ଭାରତ-ୟୁଏଇ ସମ୍ପର୍କରେ ରଣନୈତିକ ଭାଗିଦାରୀକୁ ବ୍ୟାପକ କରିବାକୁ ଆଲୋଚନା କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ଅପରାହ୍ନରେ ରାଷ୍ଟ୍ରପତି ଭବନରେ ଆବୁଧାବିର କ୍ରାଉନ ପ୍ରିନ୍ସଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ସେ ପ୍ରଶଂସା କରିଥିଲେ। କ୍ରାଉନ୍ ପ୍ରିନ୍ସ’ ରାଜଘାଟଠାରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସେଠାରେ ପ୍ରଥମ ଥର ପାଇଁ ଗୋଟିଏ

ଦେଶର ତିନି ପିଢ଼ିର ନେତା ମହାତ୍ମା ଗାନ୍ଧୀଙ୍କ ପରମ୍ପରାକୁ ସମ୍ମାନ ଜଣାଇ ବୃକ୍ଷରୋପଣ  କରାଯାଇଥିଲା ।

## ଅମିତ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ବୋଧନ ଦେବେ । ଏହି ଅବସରରେ ସେ ସାଇବର ଅପରାଧ ରୋକିବା ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯିବାକୁ ଥିବା କେତେକ ଯୋଜନାର ଉଦ୍‌ଘାଟନ କରିବେ ଏବଂ ସାଇବର ଅପରାଧ ନିୟନ୍ତ୍ରଣ କେନ୍ଦ୍ରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପୁଲିସ୍ ଓ ଅନ୍ୟାନ୍ୟ ଅପରାଧ ନିୟନ୍ତ୍ରଣ ସଂସ୍ଥାଗୁଡ଼ିକୁ ସାଇବର ଅପରାଧ ସମ୍ପର୍କିତ ତଥ୍ୟ ଯୋଗାଇଦେବା ସକାଶେ ଶ୍ରୀ ଶାହା ଆଜି ଏକ ଅନ୍‌ଲାଇନ୍ ପ୍ଲାଟଫର୍ମ ଏବଂ  ସାଇବର କମାଣ୍ଡୋ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ । ଏହା ବ୍ୟତୀତ ଜାତୀୟ ସାଇବର ଅପରାଧ ସୂଚନା ପୋର୍ଟାଲ୍ ଓ ବ୍ୟାଙ୍କ୍ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥା ଗୁଡ଼ିକ ପକ୍ଷରୁ ପ୍ରଦାନ କରାଯାଉଥିବା ତଥ୍ୟ ଆଧାରରେ ଅପରାଧୀମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ନୂତନ ଅଭିଯାନ ସସ୍‌ପେକ୍ଟ ରେଜିଷ୍ଟ୍ରିର ଶୁଭାରମ୍ଭ କରିବେ ।

# ଜିଏସ୍‌ଟି କାଉନସିଂଲ ମିଟିଂ

ନୂଆଦିଲ୍ଲୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫୪ତମ ଜିଏସ୍‌ଟି ପରିଷଦ ବୈଠକରେ ଗତକାଲି କ୍ୟାନ୍‌ସର ଔଷଧ ଉପରେ ଜିଏସ୍‌ଟି ହ୍ରାସ କରାଯାଇଛି । ପୂର୍ବରୁ କ୍ୟାନ୍‌ସର ଔଷଧ ଉପରେ ଲଗାଯାଉଥିବା ୧୨ ପ୍ରତିଶତ ଜିଏସ୍‌ଟିକୁ ହ୍ରାସ କରାଯାଇ ୫ ପ୍ରତିଶତ କରାଯାଇଛି । ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟ ବୀମାର ଜିଏସ୍‌ଟି ପରିମାଣକୁ ହ୍ରାସ କରିବା ପାଇଁ ସରକାର ବିଚାର କରୁଥିବା ଶ୍ରୀମତୀ ସୀତାରମଣ କହିଛନ୍ତି । ଏଥିପାଇଁ ମନ୍ତ୍ରୀସ୍ତରୀୟ ଏକ କମିଟି ଗଠନ କରାଯାଇଛି । ଏହି କମିଟି ସ୍ୱାସ୍ଥ୍ୟ ବୀମା ଉପରେ ଜିଏସ୍‌ଟି ହ୍ରାସ ସଂକ୍ରାନ୍ତ ରିପୋର୍ଟ୍ ଅକ୍ଟୋବର ମାସ ଶେଷ ସୁଦ୍ଧା ପ୍ରଦାନ କରିବ ବୋଲି ସେ କହିଛନ୍ତି ।

ଏହି ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ରାଜ୍ୟର ଅର୍ଥମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜୁନ୍ ମାସରେ ଶେଷ ଥର ପାଇଁ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପରିଷଦ ସମସ୍ତ ଇସ୍ପାତ, ଲୁହା ଏବଂ ଆଲୁମିନିୟମ୍, ଦୁଗ୍ଧ କ୍ୟାନ୍ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ସୁପାରିସ କରିଥିଲା। ପ୍ଲାଟଫର୍ମ ଟିକେଟ ବିକ୍ରି, ରିଟାୟରିଂ ରୁମ୍ ଓ ପ୍ରତୀକ୍ଷା ଗୃହର ସୁବିଧା ଏବଂ ବ୍ୟାଟେରୀ ଚାଳିତ କାର୍ ସେବା ସମେତ ସାଧାରଣ ଲୋକଙ୍କୁ ଭାରତୀୟ ରେଳବାଇ

ପ୍ରଦାନ କରୁଥିବା ସେବା ଉପରେ କୌଣସି ଜିଏସ୍‌ଟି ଲାଗୁ ହେବ ନାହିଁ ବୋଲି ପରିଷଦ ନିଷ୍ପତ୍ତି ନେଇଛି ।

## କନିଷ୍ଠ ଡାକ୍ତର-ଆର୍‌ଜି କର୍

କୋଲକାତାର ଆର୍ ଜି କର୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ଆନ୍ଦୋଳନ ଜାରି ରଖିଥିବା କନିଷ୍ଠ ଡାକ୍ତରଙ୍କୁ ସୁପ୍ରିମ୍‌କୋର୍ଟ ଆଜି ଅପରାହ୍ଣ ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ଅମାନ୍ୟ କଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶରେ କୁହାଯାଇଛି ।

ସୂଚନା ଯୋଗ୍ୟ ଆର୍ ଜି କର୍ ହସ୍ପିଟାଲ୍‌ରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ପ୍ରତିବାଦରେ ପଶ୍ଚିମବଙ୍ଗର କନିଷ୍ଠ ଡାକ୍ତରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଏହି ଆନ୍ଦୋଳନ ଯୋଗୁଁ ୨୩ ଜଣ ରୋଗିଙ୍କ ମୃତ୍ୟୁ ହୋଇଥିବା ପଶ୍ଚିମବଙ୍ଗ ସରକାର କହିଛନ୍ତି । ଏ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟ ନିଜ ଆଡୁ ରୁଜୁ କରୁଥିବା ମାମଲା ଉପରେ ଗତକାଲି ଶୁଣାଣି ହୋଇଥିଲା । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱଙ୍କ ପୀଠ ଆସନ୍ତା ୧୭ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ସି.ବି.ଆଇ.କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଏମସ୍-ତମାଖୁ

ଆଖିଳ ଭାରତୀୟ ଆର୍ୟୁର୍ ବିଜ୍ଞାନ ସଂସ୍ଥା ଏମସ୍ ନୂଆଦିଲ୍ଲୀରେ ଆଜି ତମାଖୁ ନିୟନ୍ତ୍ରଣ କ୍ଲିନିକ୍ (ଟି.ସି.ସି.) ଲୋକାର୍ପିତ ହେବ । ତମାଖୁ ସେବନ ଦ୍ୱାରା ଜନସାଧାରଣଙ୍କର ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବାପାଇଁ ଏହି ପଦକ୍ଷେପ ନିଆଯାଇଛି । ଏମସ୍‌ର ନିର୍ଦ୍ଦେଶକ ପ୍ରଫେସର ଏମ୍. ଶ୍ରୀନିବାସ ଏକ ବିବୃତ୍ତିରେ କହିଛନ୍ତି, ଦେଶରେ ତମାଖୁ ମୁକ୍ତ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ବ୍ୟତୀତ ଯେଉଁମାନେ ତମାଖୁ ସେବନ ଜନିତ ବଦଅଭ୍ୟାସରୁ ମୁକୁଳିବାକୁ ଚାହୁଁଛନ୍ତି ସେମାନଙ୍କୁ ଏହି କ୍ଲିନିକ୍ ସହାୟତା ପ୍ରଦାନ କରିବ ।

## ପିଏମ୍-ପଦ୍ମ ପୁରସ୍କାର

ପଦ୍ମ ପୁରସ୍କାର ପାଇଁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କୁ ମନୋନୀତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧିକରୁ ଅଧିକ ଲୋକଙ୍କୁ ଆହ୍ୱାନ କରିଛନ୍ତି। ଚଳିତ ମାସ ୧୫ ତାରିଖ ହେଉଛି ଏହି ପୁରସ୍କାର ପାଇଁ ନାମାଙ୍କନ ଦାଖଲର ଶେଷ ଦିନ। ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ବ୍ୟକ୍ତି ଅନେକ ଏଥିପାଇଁ ଆବେଦନପତ୍ର ଦାଖଲ କରିଥିବାରୁ ଆନନ୍ଦ ପ୍ରକାଶ କରିଛନ୍ତି। ଗତ ଏକ ଦଶନ୍ଧି ମଧ୍ୟରେ ସରକାର

ତୃଣମୂଳ ସ୍ତରର ଅଗଣିତ ବୀରଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରିଛନ୍ତି ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ପୁରସ୍କାର ବିଜେତାମାନଙ୍କ ଜୀବନଯାତ୍ରା ଅଗଣିତ ଲୋକଙ୍କୁ ପ୍ରେରଣା ଦେଇଛ । ସେହି ବ୍ୟକ୍ତିମାନଙ୍କର ଧୈର୍ଯ୍ୟ ଓ ଦୃଢ଼ତା ସ୍ପଷ୍ଟ ଭାବରେ ସେମାନଙ୍କ କାର୍ଯ୍ୟାବଳୀରେ ଦୃଶ୍ୟମାନ ହୋଇଛି। ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଏବଂ ଏଥିରେ ଜନସାଧାରଣଙ୍କ ଅଂଶଗ୍ରହଣ କରିବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ପଦ୍ମ ପୁରସ୍କାର ପାଇଁ ଉପଯୁକ୍ତ ବ୍ୟକ୍ତିମାନଙ୍କୁ ମନୋନୀତ କରିବାକୁ ଆହ୍ୱାନ କରିଛନ୍ତି ।

## ଜୟଶଙ୍କର-ଜର୍ମାନୀ ଗସ୍ତ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଦୁଇଦିନିଆ ଜର୍ମାନୀ ଗସ୍ତ ଆରମ୍ଭ ହେଉଛି । ଏହି ଗସ୍ତ ଅବସରରେ ବର୍ଲିନ୍ ଠାରେ ସେ ତାଙ୍କ ପ୍ରତିପକ୍ଷଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତାମାନଙ୍କୁ ଭେଟିବେ । ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଭାରତ-ଜର୍ମାନୀ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ସୁଯୋଗର ବିକାଶ ପାଇଁ ଏହି ଗସ୍ତ ଅବସରରେ ଆଲୋଚନା ହେବ ବୋଲି ଜଣାପଡ଼ିଛି । ଏହି ଗସ୍ତ ଆସନ୍ତାମାସରେ ଜର୍ମାନର ଚାନ୍ସେଲର ଓଲାଫ୍ ସୋଲଜ୍‌ଙ୍କ ଭାରତ ଗସ୍ତ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ ।

ସୂଚନା ଯୋଗ୍ୟ ଜର୍ମାନୀ ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ସହଭାଗି ରାଷ୍ଟ୍ର, ବିଶେଷ କରି ପ୍ରତ୍ୟକ୍ଷ ପୁଞ୍ଜିନିବେଶ କ୍ଷେତ୍ରରେ ଭାରତରେ ଏକ ଅଗ୍ରଣୀ ରାଷ୍ଟ୍ର ।

ଗତକାଲି ରିହାଦରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ପାଲେଷ୍ଟାଇନ୍ ପ୍ରସଙ୍ଗରେ କହିଛନ୍ତି, ଗାଜାରେ ଯୁଦ୍ଧ ବିରତି ଅତ୍ୟନ୍ତ ଆବଶ୍ୟକ । ସେ ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ନିନ୍ଦା କରିବା ସହିତ ସାଧାରଣ ନାଗରୀକଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଜର୍ମାନୀ ଗସ୍ତ ପରେ ଡକ୍ଟର ଜୟଶଙ୍କର ତାଙ୍କ ବିଦେଶ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଜେନେଭା ଯିବେ । ଆସନ୍ତା ଗୁରୁବାର ଓ ଶୁକ୍ରବାର ସେ ବିଭିନ୍ନ ଆନ୍ତର୍ଜାତିକ ସଂଗଠନର ନେତୃବର୍ଗଙ୍କ ସହ ସାକ୍ଷାତ ଆଲୋଚନା କରିବେ । ସେ ମଧ୍ୟ ସେଠାରେ ସ୍ୱିଜରଲାଣ୍ଡର ବୈଦେଶିକ ମନ୍ତ୍ରୀଙ୍କ ସହ ସାକ୍ଷାତ କରି ଭାରତ ଓ ସ୍ୱିଜରଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବେ ।

## ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଜନତା ଦଳ (ୟୁନାଇଟେଡ୍) ବିଜେପି ସହ ମିଶି ନିର୍ବାଚନ ଲଢ଼ିବ ବୋଲି ଜେଡିୟୁ କାର୍ଯ୍ୟକାରୀ ସଭାପତି ସଞ୍ଜୟ ଝା’ ରାଞ୍ଚିରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦୁଇ

ଦଳ ମଧ୍ୟରେ ଆସନ ବୁଝାମଣା ପ୍ରକ୍ରିୟା ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି। ଶ୍ରୀ ଝା’ ଗତକାଲି ଦଳୀୟ ନେତାମାନଙ୍କ ସହ ବୈଠକରେ ଆଲୋଚନା କରି ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ସମୀକ୍ଷା କରିଥିଲେ।

## ଇଣ୍ଡିଆନ-ଏୟାରଲାଇନ୍ସ ଏମ୍ଓୟୁ

ଲଜିଷ୍ଟିକ୍ସ ଅପରେସନ୍‌ରେ କର୍ମଚାରୀଙ୍କ ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି ପାଇଁ ଭାରତୀୟ ସେନା ଏବଂ ବାୟୁସେନା’ ଗତିଶକ୍ତି ବିଶ୍ୱବିଦ୍ୟାଳୟ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଏକ ବିଶ୍ୱସ୍ତରୀୟ ଏବଂ ଭବିଷ୍ୟତରେ ଲଜିଷ୍ଟିକ୍ସ ବ୍ୟବସ୍ଥା ନିର୍ମାଣ କରିବା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଅଟେ। ବିଶ୍ୱବିଦ୍ୟାଳୟ ଅତ୍ୟାଧୁନିକ ଲଜିଷ୍ଟିକ୍ସ ଶିକ୍ଷା, ଗବେଷଣା ଏବଂ ନବସୃଜନ ସହିତ ସଶସ୍ତ୍ର ବାହିନୀକୁ ସଶକ୍ତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ କାର୍ଯ୍ୟ କରିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

## ହକି

ଚୀନ୍‌ର ହୁଲୁନ୍‌ବୁୟର୍ ଠାରେ ଚାଲିଥିବା ଏସିଆନ୍ ଚମ୍ପିଆନ୍ସ ଟ୍ରଫି ପୁରୁଷ ହକି ପ୍ରତିଯୋଗିତାର ଭାରତ ଗତକାଲି ଜାପାନ୍‌କୁ ୫-୧ ଗୋଲ୍‌ରେ ପରାସ୍ତ କରିଛି । ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଭାରତ ପକ୍ଷରୁ ସୁଖଜିତ ସିଂହ ପ୍ରଥମ ଗୋଲ୍ ଦେଇଥିଲେ । ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳାଯାଉଥିବା ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ମ୍ୟାଚ୍‌ରେ ଆସନ୍ତାକାଲି ଭାରତ ଅଷ୍ଟ୍ରେଲିଆକୁ ଭେଟିବ । ୬ଟି ଦଳକୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ରାଉଣ୍ଡ ରବିନ୍ ଲିଗ୍ ପରେ ପ୍ରଥମ ୪ଟି ସ୍ଥାନରେ ଥିବା ଦଳ ସେମିଫାଇନାଲ୍ ଖେଳିବେ ।

ସୂଚନା ଯୋଗ୍ୟ ଗତବର୍ଷ ଭାରତ ଏହି ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ୍ ହୋଇଥିଲା ।